MoEFCC

GREEN CLIMATE FUND

ଭାରତୀୟ ଉପକୂଳବର୍ତ୍ତୀ ଅଧିବାସୀଙ୍କ ଜଳବାୟୁ ସହନଶୀଳତା ଅଭିବୃଦ୍ଧି

ସଂସ୍କରଣ ୩ | ଜାନୁଆରୀ ୨୦୨୬ରୁ ଜୁନ୍ ୨୦୨୬



# ଗଞ୍ଜାମରେ ECRICCର କାର୍ଯ୍ୟକାରିତାକୁ ନେଇ ଗ୍ରୀନ୍ କ୍ଲାଇମେଟ୍ ଫଣ୍ଡର ସମୀକ୍ଷା




## ଗଞ୍ଜାମରେ ECRICCର କାର୍ଯ୍ୟକାରିତାକୁ ନେଇ ଗ୍ରୀନ୍ କ୍ଲାଇମେଟ୍ ଫଣ୍ଡର ସମୀକ୍ଷା

ଗ୍ରୀନ୍ କ୍ଲାଇମେଟ୍ ଫଣ୍ଡ୍ ବା GCFର ଏକ ପ୍ରତିନିଧି ଦଳ ଗଞ୍ଜାମ ଜିଲ୍ଲା ଗସ୍ତ କରି ଭାରତୀୟ ଉପକୂଳ ଅଧିବାସୀଙ୍କ ଜଳବାୟୁ ସହନଶୀଳତା ଅଭିବୃଦ୍ଧି (ECRICC) ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏହି ପ୍ରତିନିଧି ଦଳରେ ପୂର୍ବ ଓ ଦକ୍ଷିଣ ଏସିଆର ରିଜିଓନାଲ ମ୍ୟାନେଜର ସୁଶ୍ରୀ ଡାଏନ୍ ଜେଗାମ୍ ଏବଂ ପ୍ରିନ୍ସିପାଲ କ୍ଲାଇମେଟ୍ ଇନ୍ଭେଷ୍ଟମେଣ୍ଟ ସ୍ପେଶାଲିଷ୍ଟ ଡକ୍ଟର ବାପନ ଫକ୍ରୁଦ୍ଦିନ ସାମିଲ ଥିଲେ।

ଏହି ପ୍ରତିନିଧି ଦଳ ଚିଲିକା, ଗଞ୍ଜାମ ଓ ବାହୁଦା ଅଞ୍ଚଳରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ପରିବେଶର ପୁନରୁଦ୍ଧାର ଏବଂ ଜଳବାୟୁ ସହନଶୀଳ ଜୀବିକା କିଭଳି ପ୍ରଭାବିତ ଉପକୂଳବର୍ତ୍ତୀ ସମୁଦାୟର ଲୋକମାନଙ୍କୁ ଜଳବାୟୁ ପରିବର୍ତ୍ତନର ସାମ୍ନା କରିବା ପାଇଁ ସକ୍ଷମ କରୁଛି, ତାହା ସେମାନେ ଅନୁଧ୍ୟାନ କରିଥିଲେ। ଏହି ଦଳ ଲୁଣାଜଙ୍ଗଲ, ସାମୁଦ୍ରିକ ଘାସର ପୁନରୁଦ୍ଧାର ସ୍ଥଳ, ସାମୁଦ୍ରିକ ଶୈବାଳ ଚାଷ କେନ୍ଦ୍ର, କଙ୍କଡ଼ା ଚାଷ ଏବଂ ଘର ପଛପଟେ କରାଯାଉଥିବା ରଙ୍ଗୀନ ମାଛ ଚାଷ କେନ୍ଦ୍ରଗୁଡ଼ିକ ପରିଦର୍ଶନ କରିଥିଲେ।

ଏହାସହ ପ୍ରତିନିଧିମଣ୍ଡଳୀ କ୍ଲାଇମେଟ୍ ଚାମ୍ପିଅନ୍ମାନଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ପ୍ରତିନିଧି ଦଳ ECRICCର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ପ୍ରେମ୍ କୁମାର ଝାଙ୍କ ସମେତ ଜଙ୍ଗଲ ବିଭାଗ, ୟୁଏନଡିପି ଏବଂ ପ୍ରକଳ୍ପ ଦଳର ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ।

ଓଡ଼ିଶାର ଉପକୂଳବର୍ତ୍ତୀ ସମୁଦାୟ ମଧ୍ୟରେ ଜଳବାୟୁ ନମନୀୟତା ବୃଦ୍ଧି କରିବା ପାଇଁ ପରିବେଶ ପୁନରୁଦ୍ଧାର ସହ ସ୍ଥାୟୀ ଜୀବିକାକୁ ଯୋଡ଼ିବା ଭଳି ECRICCର ଏହି ସମନ୍ୱିତ ପ୍ରୟାସକୁ ଗ୍ରୀନ୍ କ୍ଲାଇମେଟ୍ ଫଣ୍ଡର ପ୍ରତିନିଧି ଦଳ ପ୍ରଶଂସା କରିଥିଲେ।



## ପୁରୀରେ ଆୟୋଜିତ SRI ପଦ୍ଧତିର ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମରେ ECRICCକୁ ଉପମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

୨୦୨୬ ଫେବୃଆରୀ ମାସରେ ପୁରୀ ଜିଲ୍ଲାର କାକଟପୁରଠାରେ ଆୟୋଜିତ ସିଷ୍ଟମ୍ ଅଫ୍ ରାଇସ୍ ଇଣ୍ଟେନସିଫିକେସନ୍ ବା ଶ୍ରୀ ପଦ୍ଧତି ଧାନ ଚାଷ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଜଳବାୟୁ ସହନଶୀଳତା ଏବଂ ଜୀବିକା ସୁରକ୍ଷାକୁ ମଜଭୁତ କରିବା ପାଇଁ ECRICC ପ୍ରକଳ୍ପର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଛନ୍ତି। ECRICC ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ବନ୍ୟପ୍ରାଣୀ ବିଭାଗର ବନଖଣ୍ଡ ଅଧିକାରୀ ତଥା ECRICCର ନୋଡାଲ ଅଫିସର ଶ୍ରୀ ମଗର ଧାନାଜୀ ରାଓସୋଙ୍କ ଉପସ୍ଥିତିରେ ହିତାଧିକାରୀ ଚାଷୀ, ସମୁଦାୟର ପ୍ରତିନିଧି, ଜଙ୍ଗଲ ବିଭାଗ, କୃଷି ନିର୍ଦ୍ଦେଶାଳୟ ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଏହି ଅବସରରେ, ଜଳବାୟୁ ଅନୁକୂଳ କୃଷି ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ପାଇଁ ହିତାଧିକାରୀ ଚାଷୀମାନଙ୍କୁ SRI ପଦ୍ଧତିରେ ଚାଷ କରିବା ପାଇଁ ଆବଶ୍ୟକୀୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି ଆଧୁନିକ ଚାଷ ପ୍ରଣାଳୀ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ସହ ଜଳର ସଠିକ୍ ବ୍ୟବହାର ଏବଂ ଜଳବାୟୁ ପରିବର୍ତ୍ତନ ସାମ୍ନା କରିବାର କ୍ଷମତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ।

## IIT ଦ୍ୱାରା ସାମୁଦ୍ରିକ ଘାସ ଓ ଲୁଣି ଗୁଳ୍ମ ପୁନରୁଦ୍ଧାର ପ୍ରଶିକ୍ଷଣ

IIT ଭୁବନେଶ୍ୱର ଦ୍ୱାରା ଆୟୋଜିତ ସାମୁଦ୍ରିକ ଘାସ ଓ ଲୁଣି ଗୁଳ୍ମର ପୁନରୁଦ୍ଧାର ଉପରେ ଏକ ବୈଷୟିକ ପ୍ରଶିକ୍ଷଣ ଶିବିର ଅୟୋଜିତ ହୋଇଥିଲା। ଏଥିରେ ECRICCର କ୍ଷେତ୍ରୀୟ କର୍ମଚାରୀ ଓ ଜଙ୍ଗଲ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଅଂଶଗ୍ରହଣକାରୀଙ୍କ ମଧ୍ୟରେ ପୁନରୁଦ୍ଧାର କୌଶଳ, କ୍ଷେତ୍ର ନିୟମାବଳୀ ଏବଂ ପରିବେଶ ପରିଚାଳନା ପଦ୍ଧତି ବିଷୟରେ ବୁଝାମଣାକୁ ଅଧିକ ମଜଭୁତ କରିଛି।

## ଚିଲିକା ପକ୍ଷୀ ମହୋତ୍ସବରେ ECRICCର ଜଳବାୟୁ ସହନଶୀଳତା ପ୍ରୟାସ



ଭୁବନେଶ୍ୱରଠାରେ ଜାନୁଆରୀ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଚିଲିକା ପକ୍ଷୀ ମହୋତ୍ସବ ୨୦୨୬କୁ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦଘାଟନ କରିଥିଲେ। ଏହି ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କରଜ୍ୟୋତି ଶର୍ମା ଏବଂ ECRICCର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ପ୍ରେମ୍ କୁମାର ଝା ଉପସ୍ଥିତ ଥିଲେ। ଏହି ମହୋତ୍ସବରେ କ୍ଲାଇମେଟ୍ ଚାମ୍ପିଅନ୍ମାନେ ନିଜ ନିଜ ଗାଁରେ ଜଳବାୟୁ ସୁରକ୍ଷା କାର୍ଯ୍ୟର ନେତୃତ୍ୱ କିଭଳି ନେଉଛନ୍ତି, ସେନେଇ ଅନୁଭୂତି ବାଣ୍ଟିଥିଲେ। ଲୁଣା ଜଙ୍ଗଲ ଓ ସାମୁଦ୍ରିକ ଘାସର ପୁନରୁଦ୍ଧାର, କଙ୍କଡ଼ା ଚାଷ ଏବଂ ଶ୍ରୀ ପଦ୍ଧତି ଧାନ ଚାଷ ଆଦି ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ।

## ଛତିଶଗଡ଼ କର୍ମଶାଳାରେ ECRICC ପକ୍ଷରୁ ଓଡ଼ିଶାର ଜଳବାୟୁ ସହନଶୀଳତା ମଡେଲ ପ୍ରଦର୍ଶିତ




୨୦୨୬ ଅନ୍ତର୍ଜାତୀୟ ଜଙ୍ଗଲ ଦିବସ ଅବସରରେ ଆୟୋଜିତ ଏକ ଦିବସୀୟ କର୍ମଶାଳାରେ ଯୋଗଦେବା ପାଇଁ ଛତିଶଗଡ଼ ରାଜ୍ୟ ଜଳବାୟୁ ପରିବର୍ତ୍ତନ କେନ୍ଦ୍ର ପକ୍ଷରୁ ECRICC ଓଡ଼ିଶାକୁ ଆମନ୍ତ୍ରଣ କରାଯାଇଥିଲା। ଏହି ପ୍ରକଳ୍ପର ପ୍ରତିନିଧିତ୍ୱ କରି ରାଜ୍ୟ ପରିସଂସ୍ଥା ଓ ଜୀବିକା ସହଯୋଗୀ (SELA) ଶ୍ରୀ ଦିଲ୍ଲୀପ କୁମାର ମହାପାତ୍ର, ଓଡ଼ିଶାରେ ECRICC ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଉପସ୍ଥାପନା କରିଥିଲେ।

## ବିଶ୍ୱ ପରିବେଶ ଦିବସରେ ECRICCର ଉପକୂଳବର୍ତ୍ତୀ ପୁନରୁଦ୍ଧାର ପ୍ରୟାସ ଉପରେ ଗୁରୁତ୍ୱାରୋପ



ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ, ପୁରୀ ଜିଲ୍ଲାର କ୍ଲାଇମେଟ୍ ଚାମ୍ପିଅନ୍ମାନେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସହ ଆଲୋଚନା କରିଥିଲେ। ଏହାସହ ECRICCର ଉପକୂଳ ପରିସଂସ୍ଥା ସ୍ଥିରତା ସମ୍ପର୍କିତ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରଦର୍ଶିତ କରିଥିଲେ।



ସେମାନେ ପ୍ରକଳ୍ପର ଆଉଟପୁଟ୍- ୧ ଅଧୀନରେ ଚାଲିଥିବା ଗୋଷ୍ଠୀଚାଳିତ ପ୍ରୟାସଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଏଥିରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ କରାଯାଉଥିବା ଲୁଣାଜଙ୍ଗଲ, ସାମୁଦ୍ରିକ ଘାସ ଏବଂ ଲୁଣି ଗୁଳ୍ମର ପୁନରୁଦ୍ଧାର କାର୍ଯ୍ୟ ସାମିଲ ରହିଛି।

## ମତ୍ସ୍ୟ ପ୍ରାଣୀ ସମାବେଶ ଓଡ଼ିଶା ୨୦୨୬ରେ ଜଳବାୟୁ ନମନୀୟ କଙ୍କଡ଼ା ଚାଷ



ଜାନୁଆରୀ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଜନତା ମଇଦାନଠାରେ ଆୟୋଜିତ ମତ୍ସ୍ୟ ପ୍ରାଣୀ ସମାବେଶ ଓଡ଼ିଶା (MPSO-26)ରେ ECRICC ଓଡ଼ିଶାର କଙ୍କଡ଼ା ଚାଷକୁ ମିଳିଥିଲା ସ୍ୱତନ୍ତ୍ର ସ୍ଥାନ। ଏହି ଚାଷର ନୂତନ ଜ୍ଞାନକୌଶଳ ବିଷୟରେ ମତ୍ସ୍ୟଚାଷୀ, ସରକାରୀ ଅଧିକାରୀ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହ ସୂଚନା ଆଦାନପ୍ରଦାନ କରିବାର ଏକ ବଡ଼ ସୁଯୋଗ ମିଳିଥିଲା। ECRICC ଦଳ ସେମାନଙ୍କର କଙ୍କଡ଼ା ଚାଷ କାର୍ଯ୍ୟକ୍ରମରୁ ମିଳିଥିବା ଅନୁଭୂତି ଉପସ୍ଥାପନ କରିଥିଲେ। ଏହି ବୈଜ୍ଞାନିକ ଏବଂ ସମୁଦାୟ ଭିତ୍ତିକ ପ୍ରଣାଳୀଗୁଡ଼ିକ କିଭଳି ଲୋକଙ୍କ ଜୀବିକାକୁ ମଜଭୁତ କରୁଛି, ତାହା ସେମାନେ ପ୍ରଦର୍ଶନ କରିଥିଲେ। ପ୍ରକଳ୍ପର ଏହି ସଫଳତା ସହ ECRICCର ଦୁଇଜଣ ମହିଳା କ୍ଲାଇମେଟ୍ ଚାମ୍ପିଅନ୍ ମତ୍ସ୍ୟ ବିଭାଗ କୁଇଜ ପ୍ରତିଯୋଗିତାରେ ପୁରସ୍କାର ମଧ୍ୟ ଜିତିଛନ୍ତି।






## ବ୍ଲୁ ଏବଂ ଗ୍ରୀନ୍ ଇକୋନୋମି ସମ୍ପର୍କିତ ରାଜ୍ୟସ୍ତରୀୟ ଆଲୋଚନାରେ ECRICCର ଅଂଶଗ୍ରହଣ



ଓଡ଼ିଶାର ଧାରଣୀୟ ବିକାଶ ଲକ୍ଷ୍ୟ ଏବଂ ଦୀର୍ଘକାଳୀନ ବିକାଶ ଦୂରଦୃଷ୍ଟି ସହ ବ୍ଲୁ ଏବଂ ଗ୍ରୀନ୍ ଇକୋନୋମି ପ୍ରଣାଳୀକୁ ସାମିଲ କରିବା ଉଦ୍ଦେଶ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ କର୍ମଶାଳା 'ଲେଭରେଜିଂ ବ୍ଲୁ ଆଣ୍ଡ ଗ୍ରୀନ୍ ଇକୋନୋମି ଫର୍ ଏ ରେଜିଲିଏଣ୍ଟ୍ ଫ୍ୟୁଚର୍'ରେ ECRICC ଓଡ଼ିଶା ଅଂଶଗ୍ରହଣ କରିଥିଲା। ଏହି କର୍ମଶାଳାରେ ବରିଷ୍ଠ ସରକାରୀ ଅଧିକାରୀ, ଜାତୀୟ ପ୍ରତିଷ୍ଠାନ, ଶିକ୍ଷାବିତ୍, ବିକାଶମୂଳକ ସହଯୋଗୀ, ସମୁଦାୟର ପ୍ରତିନିଧି ଏବଂ ଘରୋଇ କ୍ଷେତ୍ରର ପ୍ରତିନିଧିମାନେ ଏକାଠି ହୋଇଥିଲେ। ପ୍ରକଳ୍ପର ପ୍ରତିନିଧିତ୍ୱ କରି ରାଜ୍ୟ ପ୍ରକଳ୍ପ ପରିଚାଳିକା ଡକ୍ଟର ସ୍ପନ୍ଦିତା କର ECRICCର ସମୁଦାୟ ଭିତ୍ତିକ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଆଲୋକପାତ କରିଥିଲେ।

## ବାଲେଶ୍ୱରର ରଙ୍ଗୀନ ମାଛ ଚାଷ ଓ ବ୍ୟବସାୟ ଶୃଙ୍ଖଳାକୁ ମଜଭୁତ କରୁଛି ଆଗ୍ରିଗେଟର ୟୁନିଟ୍



ବାଲେଶ୍ୱରରେ ନୂତନ 'ରଙ୍ଗୀନ ମାଛ ଆଗ୍ରିଗେଟର ୟୁନିଟ୍' ଜିଲ୍ଲାର ରଙ୍ଗୀନ ମାଛ ବ୍ୟବସାୟ ଶୃଙ୍ଖଳାକୁ ଶକ୍ତିଶାଳୀ କରିବା ସହ ସ୍ଥାନୀୟ ଲୋକଙ୍କ ପାଇଁ ଜଳବାୟୁ ସହନଶୀଳ ଜୀବିକାର ସୁଯୋଗ ସୃଷ୍ଟି କରୁଛି। ECRICC ପ୍ରକଳ୍ପ ସହାୟତାରେ ନିର୍ମିତ ଏହି କେନ୍ଦ୍ରଟି ପୋଖରୀରେ ମାଛ ଚାଷ କରୁଥିବା ସ୍ଥାନୀୟ ଚାଷୀଙ୍କ ରଙ୍ଗୀନ ମାଛ ସଂଗ୍ରହ ଏବଂ ବିକ୍ରୟର ପ୍ରମୁଖ ମାଧ୍ୟମ ସାଜିଛି। ଏହା ବଜାର ସହିତ ସିଧାସଳଖ ଯୋଗାଯୋଗ ବଢ଼ାଇବା ସହ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ସଶକ୍ତ କରୁଛି। ମାଛ ପାଳନ ଟାଙ୍କି ଏବଂ ଜୀବନ୍ତ ମାଛ ଖାଦ୍ୟ ପ୍ରସ୍ତୁତି ସୁବିଧା ଥିବା ଏହି ୟୁନିଟ୍ ବର୍ତ୍ତମାନ ପ୍ରାୟ ୧୦ଟି ପ୍ରଜାତିର ରଙ୍ଗୀନ ମାଛ ସଂଗ୍ରହ କରୁଛି। ଏହା ମଧ୍ୟରେ ଭୋଗରାଇ ଏବଂ ବାଲିଆପାଳ ବ୍ଲକର ଚାଷୀଙ୍କଠାରୁ ସଂଗୃହିତ ପ୍ରାୟ ୭,୦୦୦ ମାଛ ବଜାରରେ ବିକ୍ରି କରାଯାଇଛି। ସ୍ଥାନୀୟ ଉଦ୍ୟୋଗୀ ଅମିତ ମହାନ୍ତିଙ୍କ ଦ୍ୱାରା ପରିଚାଳିତ ଏହି ପଦକ୍ଷେପ ଦର୍ଶାଉଛି ଯେ, ଜଳବାୟୁ ଅନୁକୂଳ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ଓଡ଼ିଶାର ସଂକଟାପନ୍ନ ଉପକୂଳବର୍ତ୍ତୀ ଅଞ୍ଚଳରେ ଗ୍ରାମୀଣ ଆୟ ବୃଦ୍ଧି, ବଜାର ସଂଯୋଗୀକରଣ ଏବଂ ସହନଶୀଳତାକୁ ସୁଦୃଢ଼ କରିପାରିବ।

## ଆଇପିଏମ୍ ଓ ଆଇଏନ୍ଏମ୍ ମାଧ୍ୟମରେ ବାଲେଶ୍ୱରରେ ଜଳବାୟୁ ଅନୁକୂଳ ଚାଷକୁ ପ୍ରୋତ୍ସାହନ




ECRICC ପ୍ରକଳ୍ପ ଅଧୀନରେ ଇଣ୍ଟିଗ୍ରେଟେଡ୍ ପେଷ୍ଟ ମ୍ୟାନେଜମେଣ୍ଟ ଏବଂ ଇଣ୍ଟିଗ୍ରେଟେଡ୍ ନ୍ୟୁଟ୍ରିଏଣ୍ଟ ମ୍ୟାନେଜମେଣ୍ଟ (INM) ଆପଣାଇ ବାଲେଶ୍ୱରର ଚାଷୀମାନେ ଜଳବାୟୁ ଅନୁକୂଳ କୃଷି ପଦ୍ଧତି ଆଡ଼କୁ ଅଗ୍ରସର ହେଉଛନ୍ତି। ଏହି କାର୍ଯ୍ୟକ୍ରମ ଚାଷୀଙ୍କୁ ବିଭିନ୍ନ ତାଲିମ, କ୍ଷେତ୍ର ପ୍ରଦର୍ଶନ ଏବଂ ପ୍ରାୟୋଗିକ ଶିକ୍ଷା ମାଧ୍ୟମରେ ଜୈବିକ ସାର, କମ୍ପୋଷ୍ଟ ଏବଂ ସ୍ଥାୟୀ ମୃତ୍ତିକା ପରିଚାଳନା ବିଷୟରେ ବ୍ୟାବହାରିକ ଜ୍ଞାନ ପ୍ରଦାନ କରୁଛି। ଚଳିତ ବର୍ଷ ଏପର୍ଯ୍ୟନ୍ତ ୧୫ଟି ଗ୍ରାମ ପଞ୍ଚାୟତର ୧,୦୦୦ରୁ ଅଧିକ ଚାଷୀଙ୍କୁ ଏହି ତାଲିମ ଦିଆଯାଇଛି। ଏହାସହ ତାଲିମପ୍ରାପ୍ତ କ୍ଲାଇମେଟ୍ ଚାମ୍ପିଅନ୍‌ମାନେ ବିଭିନ୍ନ ଗାଁରେ ଏହି ଚାଷ ପ୍ରଣାଳୀର ପ୍ରଚାର ପ୍ରସାର ଦିଗରେ ସାହାଯ୍ୟ କରୁଛନ୍ତି। ଏହି ପଦକ୍ଷେପ ମାଟିର ଉର୍ବରତା ବଢ଼ାଇବା ସହ ରାସାୟନିକ ସାର ଉପରେ ନିର୍ଭରଶୀଳତା କମାଉଛି, ଫସଲ ଉତ୍ପାଦନ ବୃଦ୍ଧି କରୁଛି ଏବଂ ଜଳବାୟୁ ପରିବର୍ତ୍ତନ ପ୍ରତି ଉପକୂଳବର୍ତ୍ତୀ ଚାଷୀଙ୍କ ପ୍ରତିରୋଧକ କ୍ଷମତାକୁ ମଜଭୁତ କରୁଛି।

## ଫଟୋ କ୍ୟାପ୍ସନ୍



ସୁଭଦ୍ରା ଶକ୍ତି ମେଳାରେ ECRICC ଷ୍ଟଲ୍ ପରିଦର୍ଶନ କରୁଛନ୍ତି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଏହାସହ ଉପକୂଳବର୍ତ୍ତୀ ଅଞ୍ଚଳର ଲୋକଙ୍କ ରଙ୍ଗୀନ ମାଛ ଚାଷ ପଦକ୍ଷେପକୁ ପ୍ରଶଂସା କରିଛନ୍ତି।




ବିକାଶ ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମରେ ECRICCର ରଙ୍ଗୀନ ମାଛ ଚାଷ ଓ ଲୁଣା ଜଙ୍ଗଲ ଚାରା ପ୍ରଦର୍ଶନ କରୁଛନ୍ତି କ୍ଲାଇମେଟ୍ ଚାମ୍ପିଅନ୍ସ। ଏହା ସ୍ଥାୟୀ ଆୟର ସୁଯୋଗ ସହ ସ୍ଥାନୀୟ ଲୋକଙ୍କ ସହାୟତାରେ ଉପକୂଳ ସୁରକ୍ଷାକୁ ପ୍ରୋତ୍ସାହିତ କରୁଛି।

*State Project Management Unit*
**GoI-GCF-GoO-UNDP Project**
*Enhancing Climate Resilience of India'a Coastal Communities*

*Administrative Building, 1st Floor, RPRC Campus*
*Bhubaneswar-751015 | ecricc.spmu@odisha.gov.in*

www.ecricc.org

*2026 ECRICC Odisha, All rights reserved.*